Language Code : **14**

इस पुस्तिका में **16** मुद्रित पृष्ठ हैं।
This booklet contains **16** Printed pages.

# JSS-24-I

**प्रश्न-पत्र-I / PAPER-I**
**ओड़िया भाषा परिशिष्ट**
**Odia Language Supplement**
**भाग-IV & V / PART-IV & V**

मुख्य परीक्षा पुस्तिका संख्या / **Main Test Booklet No.**

मुख्य परीक्षा पुस्तिका कोड / **Main Test Booklet Code**

# A

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 15 व 16) पर दिए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page 15 & 16) of this Test Booklet.**

**ओड़िया में निर्देशों के लिए इस पुस्तिका का पृष्ठ 2 देखें। / FOR INSTRUCTIONS IN ODIA SEE PAGE 2 OF THIS BOOKLET.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **ओड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें।
5. इस भाषा पुस्तिका का **संकेत** है **A**। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा-I (ओड़िया) (प्र. 91 से प्र. 120)
   भाग-V : भाषा-II (ओड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल ओड़िया भाषा से संबंधित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) ओड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

## INSTRUCTIONS FOR CANDIDATES

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page/ marking responses in the Answer Sheet.
5. The CODE for this Language Booklet is **A**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language-I (Odia) (Q. 91 to Q. 120)
   Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :

अनुक्रमांक : (अंकों में) / Roll Number : in figures ____________________
: शब्दों में / in words ____________________

परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :

परीक्षार्थी के हस्ताक्षर : ____________________ निरीक्षक के हस्ताक्षर : ____________________
Candidate's Signature : Invigilator's Signature :

Facsimile Signature Stamp of
Centre Superintendent : ____________________

Language Code : **14**

# JSS-24-I

ପରୀକ୍ଷା ପୁସ୍ତିକା କୋଡ୍

**A**

ଏହି ପୁସ୍ତିକାରେ 16 ପୃଷ୍ଠା ଅଛି

**ପ୍ରଶ୍ନପତ୍ର - I**

**ଓଡ଼ିଆ ଭାଷା ପରିଶିଷ୍ଟ**

**ଭାଗ IV & V**

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 15 & 16) ଦିଆଯାଇଥିବା ନିର୍ଦ୍ଦେଶାବଳୀ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟିଯାକ ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀ I, II, III ଭାଗର ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ବାଛିଥିବା ଭାଷାରେ ଦେବେ ।
3. ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ଇଂରାଜୀ ଓ ହିନ୍ଦୀ ଭାଷାରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **A** । ମୁଖ୍ୟ ପ୍ରଶ୍ନପତ୍ର ଉପରେ ଓ ଉତ୍ତରଖାତାର **ପୃଷ୍ଠା-2** ରେ ସମାନ କୋଡ ରହିବା ଆବଶ୍ୟକ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ - ଭାଗ IV ଓ ଭାଗ V, ଏହା ସମୁଦାୟ **60** ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

   | | | | | |
   |---|---|---|---|---|
   | ଭାଗ - IV | : | ଭାଷା - I | (ଓଡ଼ିଆ) | (ପ୍ରଶ୍ନ 91 ରୁ 120) |
   | ଭାଗ - V | : | ଭାଷା - II | (ଓଡ଼ିଆ) | (ପ୍ରଶ୍ନ 121 ରୁ 150) |

7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ, ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫ୍‌କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତରଖାତାରେ, ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ : ______________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ : ______________________

: ଶବ୍ଦରେ ଲେଖନ୍ତୁ : ______________________

ପରୀକ୍ଷା କେନ୍ଦ୍ର : ______________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of
Centre Superintendent : ______________________

ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV (Q.No. 91-120)**, if they have opted **ODIA** as **Language-I** only.

## PART–IV

## LANGUAGE–I

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି 91-99 ପ୍ରଶ୍ନର ଉତ୍ତର ପ୍ରଦାନ କର ।**

ସଂସାର ପରିବର୍ତ୍ତନଶୀଳ । ଏହି କଥାଟି ଅବଶ୍ୟ ଅନେକଙ୍କ ମନରେ ଏକ ବିସ୍ମୟ ଉତ୍ପାଦନ କରିପାରେ, କାରଣ ସେମାନେ କହିପାରନ୍ତି ସଂସାରଟା ପରିବର୍ତ୍ତନଶୀଳ କାହିଁକି ହେବ ? ଏହା କତିପୟ ସୁଦୃଢ଼ ତଥା ଅପରିବର୍ତ୍ତନୀୟ ନିୟମର ଅଧୀନ ହୋଇ କେତେବେଳେ ପଥଭ୍ରଷ୍ଟ ହେଉନାହିଁ । ଗରୁତ୍ୱ ସର୍ବଦା ଲଘୁତ୍ୱର ବିପରୀତ, ଊର୍ଦ୍ଧ୍ୱ ସର୍ବଦା ଅଧଃର ବିପରୀତ ଏବଂ କେତେବେଳେ ପଶ୍ଚିମ ଦିଗରେ ଉଦିତ ହୁଅନ୍ତି ନାହିଁ । ସୁତରାଂ ଜଗତଟାକୁ କିପରି ପରିବର୍ତ୍ତନଶୀଳ ବୋଲି କହିବା ? ମାତ୍ର ଏ ସ୍ଥଳରେ ଆମ୍ଭେମାନେ କହିପାରୁ, ପରିବର୍ତ୍ତନର ଅର୍ଥ ଟିକିଏ ହୃଦୟଙ୍ଗମ କରିବା ଉଚିତ । ଏହାର ଅର୍ଥ ଅବସ୍ଥାନ୍ତର ଗ୍ରହଣ କହିଲେ ଚଳେ । ଗୋଟିଏ ପଦାର୍ଥର ବର୍ତ୍ତମାନ ଅବସ୍ଥାର ଅବସ୍ଥାନ୍ତରକୁ ସେହି ପଦାର୍ଥର ପରିବର୍ତ୍ତନ କୁହାଯାଏ । ଉଦାହରଣ ସ୍ୱରୂପ, ସ୍ତନ୍ୟପାୟୀ ଶିଶୁ ଅଳ୍ପଦିନରେ ସ୍ତନ୍ୟ ତ୍ୟାଗ କରି ପ୍ରୌଢ଼ାବସ୍ଥାରେ ଉପନୀତ ହେଉଅଛି, ବୀଜାଙ୍କୁର ଅଳ୍ପଦିନରେ ଗୋଟିଏ ମହାଦ୍ରୁମର ଆକାର ଧାରଣ କରୁଅଛି ଓ ନବୀନ ଯୌବନ କିଛିକାଳ ପରେ ତାହାର ସମସ୍ତ ସୌନ୍ଦର୍ଯ୍ୟ ହରାଇ ବାର୍ଦ୍ଧକ୍ୟର ଅଧୀନ ହେଉଅଛି । ଏହି ଘଟନା ଗୁଡ଼ିକ ଅବସ୍ଥିତ ବସ୍ତୁମାନଙ୍କର ଅବସ୍ଥାନ୍ତର ବୁଝାଉ ଅଛନ୍ତି ଏବଂ ପଦାର୍ଥ ବିଶେଷର ଏକ ଅବସ୍ଥାରୁ ଅନ୍ୟ ଗୋଟିଏ ଅବସ୍ଥାକୁ ଏହି ପ୍ରକାଶ ଗତିକୁହିଁ ଆମ୍ଭେମାନେ ପରିବର୍ତ୍ତନ ଆଖ୍ୟା ଦେଇଥାଉ । ସୁତରାଂ ସଂସାରର ପରିବର୍ତ୍ତନଶୀଳତାର ଯଥେଷ୍ଟ ପ୍ରମାଣ ରହିଅଛି । ତଥାପି ଏହା କେତେଗୁଡ଼ିଏ ସନାତନ ନିୟମର ଅଧୀନ ହୋଇ ଅପରିବର୍ତ୍ତନୀୟ ମଧ୍ୟ ରହିଅଛି । ଏହି ନିୟମଗୁଡ଼ିକ ଧର୍ମ ନାମରେ (In the shape of essence) ଅପରିବର୍ତ୍ତନୀୟ ରହି ସଂସାରର ବିକାଶ ପ୍ରକ୍ରିୟାକୁ ଶାସନ କରୁଅଛି ଏବଂ ସେହି ହେତୁରୁ ହିଁ ବିଶ୍ୱ ବ୍ରହ୍ମାଣ୍ଡର କେତେକ ବିଭାଗ ନିତ୍ୟ ଭାବରେ ବିଦ୍ୟମାନ ରହିଅଛି । ଅର୍ଥାତ୍ ସଂସାରର ଯାବତୀୟ ବସ୍ତୁର ଧର୍ମ ବା (essence) ସର୍ବଦା ଅପରିବର୍ତ୍ତନୀୟ ରହିଅଛି ଏବଂ କେବଳ ତାହାର ବାହ୍ୟ ବିକାଶ ଅବସ୍ଥାନ୍ତର ଗ୍ରହଣ କରି ପରିବର୍ତ୍ତିତ ହେଉଅଛି ।

**91.** ପଦାର୍ଥବିଶେଷର ଅବସ୍ଥାନ୍ତରକୁ କ'ଣ କୁହାଯାଏ ?

(1) ଦିବ୍ୟପ୍ରକାଶ (2) ସାଂସାରିକ ନିୟମ (3) ମାନବୀୟ ନୀତି (4) ପରିବର୍ତ୍ତନ

**92.** ସଂସାରର ପରିବର୍ତ୍ତନଶୀଳତା ମଣିଷ ମନରେ କି ପ୍ରକାର ଭାବ ଜନ୍ମାଇଥାଏ ?

(1) ସନ୍ଦେହ (2) ବିସ୍ମୟ (3) ହର୍ଷ (4) ବିଷାଦ

**93.** 'କତିପୟ' ର ଅର୍ଥ କ'ଣ ?

(1) ଅଳ୍ପ (2) ପାଖ (3) କିଛି (4) ବହୁତ

**94.** କେଉଁଟି 'ଲଘୁ'ର ବିପରୀତ ?

(1) ବରିଷ୍ଠ (2) ସ୍ୱଳ୍ପ (3) ଦୀର୍ଘ (4) ଗୁରୁ

**95.** ସଂସାରରେ ଯାବତୀୟ ପଦାର୍ଥର କ'ଣ ଅପରିବର୍ତ୍ତନୀୟ ?

(1) ନୀତି (2) ଗୁଣ (3) ଧର୍ମ (4) ସ୍ଥିତି

**96.** ସଂସାରର ବିକାଶ ପ୍ରକ୍ରିୟାକୁ କିଏ ଶାସନ କରୁଛି ?

(1) ପରିବର୍ତ୍ତନ ନିୟମ (2) ସନାତନ ନିୟମ (3) ଅବସ୍ଥାନ୍ତର (4) ଆଧ୍ୟାତ୍ମିକ ଆଦର୍ଶ

**97.** ଯୌବନ କିଛିକାଳ ଅନ୍ତରରେ କ'ଣ ହରାଇ ଜରାର ଅଧୀନ ହେଉଛି ?

(1) ସୌନ୍ଦର୍ଯ୍ୟ (2) ଉତ୍ତାପ (3) ଉତ୍ତେଜନା (4) କୋମଳତା

**98.** 'ପରିବର୍ତ୍ତନ' ର ଅର୍ଥ ବୁଝିଲେ କ'ଣ ହେବ ?

(1) ଆର୍ଥାନ୍ତର (2) ବିଷୟାନ୍ତର (3) ଅବସ୍ଥାନ୍ତର (4) ସମୟାନ୍ତର

**99.** କ୍ଷୁଦ୍ର ବୀଜଟି ସମୟାନୁକ୍ରମେ କେଉଁଥିରେ ପରିବର୍ତ୍ତିତ ହେଉଛି ?

(1) ଶାଖାପ୍ରଶାଖା (2) ବିଶାଳ ଗଣ୍ଡି (3) ମହଦ୍ରୁମ (4) ପାଦାସନ

**ନିମ୍ନ କବିତାଂଶ ପାଠକରି ପ୍ରଶ୍ନସଂଖ୍ୟା 100-105 ର ଉତ୍ତର ଦିଅ ।**

ବଦୟନ୍ତି ଅଗସ୍ତି ଶୁଣିମା ବିଳଂକ ନୃପତି
ଯେଥୁ ଅନନ୍ତରେ କଥା ଯିସ ଦିବ୍ୟରୀତି
ଆହୋ ଚଇତନ ରଣଜୟ କରିଣ ଗଲେ ଯେ ପାଣ୍ଡବେ
ଇନ୍ଦ୍ରପ୍ରଶସ୍ତେ ବିଜେ କଲେ ବହୁତ ସମ୍ଭର୍ବେ
ବାଜନ୍ତି ବୀରତୂର ଶତ୍ରୁଜିତ ଶଙ୍ଖଧ୍ୱନି
ଅର୍ଘ୍ୟ ଘେନି ଦ୍ୱାରେ ଉଭା କୋଇନ୍ତା ଜିଘ୍ନସେନୀ
ଗୋବିନ୍ଦ ବୋଇଲେ ଶୁଣ କୋନ୍ତଭୋଜର ଦୁଲାଳୀ
ବିଦୁର ଘରେ ଯାହା କରିଥିଲି ସତ୍ୟ ପ୍ରତିପାଳି
ସୁମରି ଅଛଟି କିଗୋ ସେବେକର ବୋଲ
ଯେବେ ଯେକାଙ୍ଗ ରାଜ୍ୟ ହୋଇଲାନି ସକଳ
ଭୀଷ୍ମ କଲେ ଶରଶଯ୍ୟା ଦ୍ରୋଣେ ନାଶଗଲେ
କର୍ଣ୍ଣ ଶିରଛେଦ ହୋଇଲା ଶଲ୍ୟ ଦହିଜ ହୋଇଲେ
ଅଠାଣୋଇ ଭାଇ ଯେ ଧୃଶାସନର ମୂଳେ
ସମଦଣ୍ଡ ଘେନିଣ ଯେ ପଡ଼ିଲେ ସକଳେ
କୋଇନ୍ତାଯେ ବୋଇଲେ ହରି ଯେ ବତାଇ ଦୁଲଭ
ତୋହୋର ପ୍ରସାଦେ ଦେବ ଯେବେ ସୁଲଭ ହୋଇଲା ବାସୁଦେବ
ସମରେ ବଧ କଲା କେହୁ ରାଜା ମାନଗୋବିନ୍ଦ
ତାହାର ଶିରେ ମୁଁ ଅର୍ଘ୍ୟ ଦେବି ଧିନ୍ଦ

**100.** 'ସେବେକର' - ଅର୍ଥ କେଉଁଟି ?

(1) ସେକାଳର (2) ସେବକର (3) ସେବାକର (4) ସେହିକର

**101.** 'ବାସୁଦେବ' କହିଲେ କାହାକୁ ବୁଝାଏ ?

(1) କର୍ଣ୍ଣ (2) କୃଷ୍ଣ (3) ବସୁଦେବ (4) ବିଦୁର

**102.** କୋନ୍ତ ଭୋଜଙ୍କର କିଏ କନ୍ୟା ଥିଲେ ?

(1) ଗାନ୍ଧାରୀ (2) ମାଦ୍ରି (3) ଦ୍ରୌପଦୀ (4) କୁନ୍ତୀ

**103.** ଶତ୍ରୁଜିତର କେଉଁ ବ୍ୟାସବାକ୍ୟ ଠିକ୍ ?

(1) ଯେ ଶତ୍ରୁ ସେ ଜିତ (2) ଶତ୍ରୁଙ୍କର ଜିତ

(3) ଶତ୍ରୁକୁ ଜୟ କରିଛି ଯେ (4) ଶତ୍ରୁ ଦ୍ୱାରା ଜିତ

**104.** 'ଧ୍ରୁବ' - ଶବ୍ଦର ଅର୍ଥ କ'ଣ ?

(1) ମାତ୍ର (2) ଖୁସି (3) ନିଶ୍ଚିତ (4) ଯଥାର୍ଥ

**105.** କୃଷ୍ଣ କେଉଁଠି ସତ୍ୟର ପ୍ରକଟନ କରିଥିଲେ ?

(1) ଇନ୍ଦ୍ରପ୍ରସ୍ଥରେ (2) ଅଜ୍ଞାତବାସରେ (3) ବିଦୁର ଘରେ (4) ବିରାଟପୁରୀରେ

**106.** ଜଣେ ଶିଶୁ ନିଜେ ଏକ ଅନୁଚ୍ଛେଦ ଯେତେ ମାନସ ମନ୍ଥନ ସେ ବିଷୟରେ କଲେ ମଧ ଲେଖିପାରେ ନାହିଁ । କିନ୍ତୁ ସେ ଅନ୍ୟର ତତ୍ତ୍ୱାବଧାନରେ ଲେଖିପାରେ । ଏ ପ୍ରକାର ତତ୍ତ୍ୱାବଧାନକୁ କୁହାଯାଏ -

(1) ଅସ୍ଥାୟୀ ସହାୟକ ସାମଗ୍ରୀ (2) ମୁରବୀ ଦ୍ୱାରା ଶିକ୍ଷା

(3) ମୁରବୀ ଦ୍ୱାରା ଉପଦେଶ (4) ଦଳଗତ ଶିକ୍ଷା

**107.** __________ ଏକ ପ୍ରକାରର ଶିକ୍ଷା ଯେଉଁଥିରେ ଶିଶୁକୁ ଅଧିକ ଉଚ୍ଚ ମାନସିକ ଧାରା, ଯଥା ବୁଦ୍ଧି ଓ ବିଚାରର ପ୍ରୟୋଗ କରିଥାଏ ।

(1) ମୌଖିକ ଶିକ୍ଷା (2) ଧାରଣା ଶିକ୍ଷା (3) ମୋଟର ସ୍କିଲ୍ ଶିକ୍ଷା (4) ଗଠନ ଶିକ୍ଷା

**108.** ଆପଣ ଜଣେ ଶିକ୍ଷକ ଭାବରେ ଜଣେ ଶିଶୁକୁ ତାର 'ସବିଶେଷ ଭାଷା ବ୍ୟବହାର' ନିମନ୍ତେ ପ୍ରଶଂସା କଲେ । ଆପଣ କେଉଁ ପଦ୍ଧତି ବ୍ୟବହାର କରିଛନ୍ତି ?

(1) ସମ୍ପୂର୍ଣ୍ଣ ଭାଷା (2) କଥୋପକଥନମୂଳକ

(3) ସଂରଚନାତ୍ମକ (4) ଗଠନମୂଳକ

**109.** ଆପଣ ଜଣେ ହିନ୍ଦୀଭାଷୀ ଶିକ୍ଷକ, କିନ୍ତୁ ଆପଣଙ୍କର କର୍ମସ୍ଥଳ ପଞ୍ଜାବର ଏକ ପ୍ରାଇମେରୀ ସ୍କୁଲ । ଯେହେତୁ ଆପଣଙ୍କୁ ସେ ସ୍ଥାନର ସ୍ଥାନୀୟ ଭାଷା ଜଣାନାହିଁ, ଆପଣ __________ ।

(1) ହିନ୍ଦୀ ଭାଷା ଅଞ୍ଚଳକୁ ବଦଳି ହୋଇଯିବାକୁ ସଙ୍ଗେ ସଙ୍ଗେ ଆବେଦନ କରିବେ

(2) ପିଲାଙ୍କର ଭାଷାକୁ ସାମଗ୍ରୀ ଭାବରେ ଗ୍ରହଣ କରି ପଢ଼ାଇବା ଉଚିତ

(3) ଇଂରାଜୀରେ କଥୋପକଥନ କରିବା ଆବଶ୍ୟକ

(4) ସମ୍ପ୍ରଦାୟକୁ ହିନ୍ଦୀ ଶିକ୍ଷା କରିବାକୁ ପ୍ରବର୍ତ୍ତାଇବା

**110.** __________ ବୋଧ ଗୋଟିଏ ପାଠ୍ୟକୁ ତନ୍ନତନ୍ନ କରି ପଢ଼ିବାର ଏକ କୌଶଳ । ଏହାର ଉଦ୍ଦେଶ୍ୟ ହେଲା ପାଠ୍ୟରୁ ଏକ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ କରିବା ।

(1) ବିଶ୍ୱ (2) ସ୍ଥାନୀୟ (3) ନିଷ୍କର୍ଷ (4) ଆକଳନାତ୍ମକ

**111.** ଭାଷା ଶିକ୍ଷଣର 'ଡାଇଗୋନିଷ୍ଟିକ୍ ଟେଷ୍ଟ୍' ର ଉଦ୍ଦେଶ୍ୟ ହେଲା -

(1) ସମେଟିଭ୍ ମୂଲ୍ୟାୟନ ନିମନ୍ତେ ଯୋଜନା କରି ପ୍ରଶ୍ନ ପ୍ରସ୍ତୁତ କରିବା

(2) ଅବିଭାବକ ସାକ୍ଷାତ ସମୟରେ ପିତାମାତାଙ୍କୁ ପିଲାର ଦୁର୍ବଳତା ଜଣାଇ ସେମାନଙ୍କୁ ଶିକ୍ଷଣରେ ସାହାଯ୍ୟ କରିବାକୁ କହିବା

(3) ଶିକ୍ଷାର୍ଥୀଙ୍କ ଦୁର୍ବଳତା ଜାଣି ତା'ର ପ୍ରତିକାର ବ୍ୟବସ୍ଥା କରିବା

(4) ପିଲାଙ୍କର ପ୍ରୋଗ୍ରେସ୍ ରିପୋର୍ଟ ଦେଖି କାରଣ ବାହାର କରିବା

**112.** ପାଠ୍ୟପୁସ୍ତକ ସମ୍ପର୍କରେ ଏଥିମଧ୍ୟରୁ କେଉଁଟି ଉପଯୁକ୍ତ ମନ୍ତବ୍ୟ ?

(1) ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ପାଠ୍ୟପୁସ୍ତକ ଏକମାତ୍ର ସହାୟକ ସାମଗ୍ରୀ

(2) ପାଠ୍ୟଖସଡ଼ାରେ ନିର୍ଦ୍ଦିଷ୍ଟ କରାଯାଇଥିବା ଉଦ୍ଦେଶ୍ୟ ହାସଲ କରିବାରେ ଏହା ସହାୟକ ହୋଇଥାଏ

(3) ଏହା ଶୈକ୍ଷିକ କାର୍ଯ୍ୟର ଯୋଜନା କରିବାରେ ସହାୟକ ହୁଏ

(4) ପାଠ୍ୟପୁସ୍ତକର ସ୍ଥାନ ଅପରିବର୍ତ୍ତନୀୟ

**113.** ଏଥିମଧ୍ୟରୁ କେଉଁ କ୍ଲାସରୁମ୍ ଅଭ୍ୟାସ ଶିକ୍ଷାର୍ଥୀଙ୍କର ମୌଖିକ ଭାଷାର ବିକାଶରେ ସହାୟକ ହୋଇଥାଏ ?

(1) ଶିକ୍ଷକଙ୍କ ସହିତ ଯୋଗଦେଇ ସମବେତ ପଠନ

(2) କବିତାଟିଏ ମନେରଖି ସମବେତ ଗାନ

(3) ରୋଲ୍-ପ୍ଲେରେ ଅଂଶଗ୍ରହଣ

(4) ନୂତନ ତଥା ଅପରିଚିତ ଶବ୍ଦର ଉଚ୍ଚାରଣରେ ଯୋଗଦାନ

**114.** ଯେତେବେଳେ ଆମେ କହିଥାଉ - 'ଭାଷା ଯାଦୃଚ୍ଛିକ' ସେତେବେଳେ ଆମେ ମନେକରୁ -

(1) ଭାଷାରେ ଶବ୍ଦ ସହିତ ଅର୍ଥର ଅନ୍ତର୍ନିହିତ ସମ୍ପର୍କ ରହିଛି

(2) ଭାଷାରେ ଶବ୍ଦ ସହିତ ଅର୍ଥର ସମ୍ପର୍କ ପଛରେ ଯଥାର୍ଥ କାରଣ ରହିଥାଏ, ସୁଯୋଗ ନୁହେଁ

(3) ଭାଷାରେ ଶବ୍ଦ ସହିତ ଅର୍ଥର ଅନ୍ତର୍ନିହିତ ସମ୍ପର୍କ ନଥାଏ

(4) ଭାଷା ପୂର୍ବପଦ୍ଧତି/ସିଦ୍ଧାନ୍ତ ଆଧାରିତ

**115.** ବ୍ୟାକରଣ ଶିକ୍ଷାରେ ନିଗମନ ପଦ୍ଧତି __________ ସମ୍ପର୍କରେ ଯୁକ୍ତି କରିଥାଏ ।

(1) ଉଦାହରଣ ପ୍ରଦାନ (2) ନିୟମ ଉପସ୍ଥାପନ

(3) ଯଥାର୍ଥ ବାର୍ତ୍ତାଳାପ (4) ଡ୍ରିଲ୍ ମାଧ୍ୟମରେ ଅଭ୍ୟାସ

**116.** ସତ୍ୟ ବାହାରେ ଅଧିକ ଚିନ୍ତା କରିବା କିମ୍ବା ଆକଳନ କରିବାର ଉପାୟ ହେଲା __________ ।

(1) ଯୁକ୍ତିପୂର୍ଣ୍ଣ ଉତ୍ତର (2) ଆଲୋଚନା (3) ନିଷ୍କର୍ଷ (4) କଳନା

**117.** ଜଣେ ଭାଷା ଶିକ୍ଷକ ଶିକ୍ଷାର୍ଥୀଙ୍କୁ ମୁକ୍ତ ଲିଖନ ନିମନ୍ତେ ପ୍ରବର୍ତ୍ତାଇବା ଉଚିତ । ଏଥିରେ କେଉଁ ପ୍ରକାରର ଲାଭ ହୋଇଥାଏ ?

(1) ଏହା ଶିକ୍ଷାର୍ଥୀଙ୍କୁ ଅନର୍ଗଳ ଲେଖିବା ତଥା ସୃଜନଶୀଳ ହେବାରେ ସାହାଯ୍ୟ କରିଥାଏ

(2) ସେମାନେ ଲେଖିବେ କି ନା, ଏ ପ୍ରକାର ସ୍ୱାଧୀନତା ମିଳିଥାଏ

(3) ସେମାନଙ୍କୁ ଯେ ଅନେକ ଲେଖିବାକୁ ପଡ଼ିବ କିମ୍ବା ସମ୍ପୂର୍ଣ୍ଣ ନିର୍ଭୁଲ ଲେଖିବେ ଏ ପ୍ରକାରର ଧାରଣା ରହେ ନାହିଁ

(4) ମାତୃଭାଷାର ଉପାଦାନ ଲକ୍ଷ୍ୟ ଭାଷା ଶିକ୍ଷଣରେ ବ୍ୟବହାର କରାଯାଇପାରେ

**118.** ପଞ୍ଚମ ଶ୍ରେଣୀର ଶିକ୍ଷକ ଭାବରେ ଆପଣ ଶିକ୍ଷାର୍ଥୀଙ୍କୁ ନିର୍ଭୁଲ ଭାବରେ ପାଠ୍ୟ ପଠନ କରିବାକୁ କୁହନ୍ତି । ତାପରେ ପ୍ରସଙ୍ଗ ସହାୟତାରେ ଉତ୍ତର ଦେବାକୁ କହି ଆପଣ କିଛି ପ୍ରଶ୍ନ କରନ୍ତି । ଏଇ ଧାରାରେ ଆପଣ ଶିକ୍ଷାର୍ଥୀଙ୍କୁ __________ ପାଇଁ ଉତ୍ସାହିତ କରିଥାନ୍ତି ।

(1) ବିସ୍ତୃତ ପଠନ (2) ନିରୀକ୍ଷଣ (3) ଅପସାରଣ (4) ପୁଙ୍ଖାନୁପୁଙ୍ଖ ପଠନ

**119.** ଭାଷା ଆହରଣ ସମ୍ଭବ ହୋଇଥାଏ ଯେତେବେଳେ -

(1) ଶିଶୁଟି ବ୍ୟାକରଣ ନିୟମ ଶିଖେ

(2) ଶିଶୁଟିକୁ ଅନୁବାଦ ଅଭ୍ୟାସ କରିବାକୁ ଦିଆଯାଏ

(3) ଶିଶୁଟିକୁ ପଠନ କରିବାର ସୁଯୋଗ ଦିଆଯାଏ

(4) ଶିଶୁଟି ଏକ ଭାଷା ସମ୍ପର୍କରେ ଆସେ

**120.** ମାତୃଭାଷାର ବ୍ୟବହାର କ୍ଲାସରେ ନକରିବା __________ ପଦ୍ଧତିର ଗୁଣ ।

(1) ପ୍ରାକୃତିକ (2) ଦ୍ୱିଭାଷିକ (3) ଦୃଶ୍ୟ-ଭାଷିକ (4) ପ୍ରତ୍ୟକ୍ଷ

ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V (Q.No. 121-150)**, if they have opted **ODIA** as **Language-II** only.

## PART-V

## LANGUAGE-II

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 121-128 ର ଉତ୍ତର ଦିଅ ।**

ମଣିଷ କାନ୍ଦେ- ଜୀବନରେ ମାତ୍ର ଦୁଇଥର । ଥରେ ସେ କାନ୍ଦେ ନିଜପାଇଁ ଆଉଥରେ କାନ୍ଦେ - ପରପାଇଁ । ଥରେ ନୁହେଁ - ପ୍ରକାର । ଦୁଇ ପ୍ରକାରରେ ସେ କାନ୍ଦେ ।

ନିଜ ପାଇଁ ତା'ର ଯେତେ କାନ୍ଦଣା - ସେ ଅଶ୍ରୁର ମଧ୍ୟ ଦୁଇଟି ଧାରା; କେତେବେଳେ ସେ ନିଜର ଅଭାବ ଅଭିଯୋଗ ନେଇ କାନ୍ଦେ, ତା'ର ଏଇ ଇନ୍ଦ୍ରିୟାଦିର ଦାବି ପୂରଣରେ ଆପଣାର ଅସାମର୍ଥ୍ୟ ଉଭୟର ଅକାରଣତା ଉପଲବ୍ଧି କରି ତା'ରି ଗାଇଛନ୍ଦ ବା ନାଗଫାଶ ଭିତରୁ ନିଜକୁ ମୁକୁଳାଇ ନ ପାରିବା ହେତୁ - ଆତ୍ମାର ଅସୁସ୍ଥ ଅଶାନ୍ତିକୁ ଦୂର କରିବା ପାଇଁ ।

ନିଜର ଅଭାବ ଅଭିଯୋଗ ଘେନି ସିଏ କାନ୍ଦି ନପାରେ ସେ ତୃପ୍ତିଲାଭ କରେ-ମହୁରାପୋକ ଭଳି ମହୁରା ଖାଇ । ଆପଣାକୁ ବଡ଼ ମନେ କରୁଥାଏ-ସାରୁଗଛ ମୂଳରେ ବେଙ୍ଗ ସଦୃଶ । ଅଭିମାନର ତାତିରେ ଅଶ୍ରୁର ସମୁଦ୍ର ବି ଶୁଖିଯାଏ । ଜନ୍ମରୁ ଦୁର୍ବଳ ମଣିଷ ଆପଣାକୁ ବଡ଼ ବୋଲି ଅଭିମାନ କଲେ ସେ ଆଉ କାନ୍ଦିବ କାହିଁକି-କାନ୍ଦି ପାରିବ କିପରି ? ସେ କାନ୍ଦି ନ ଜାଣିଛି- ତା'ର ପ୍ରାଣ ନାହିଁ । ସେ ନିଷ୍ପନ୍ଦ-ଜଡ଼ । ପଥର ମୁଣ୍ଡାଏ ପରି ସେ ପଡ଼ିଥାଏ ବାଟରେ । କାହାରି ଆଘାତ କିମ୍ବା ଆଉ ଆଉଁସାରେ ସେ ବିଚଳିତ ହୁଏନାହିଁ; ବରଂ ସେ ଅନେକ ସମୟରେ ଆଘାତ ଦିଏ ଅନ୍ୟକୁ ।

ସେଥିପାଇଁ ଆମକୁ କାନ୍ଦିବାକୁ ହେବ । ଖୁବ୍ ଛୋଟ ଛୋଟ କଥାପାଇଁ ବି କାନ୍ଦିବାକୁ ହେବ । ତା'ହେଲେ ଯାଇ ନିଜର ସାମର୍ଥ୍ୟ ଓ ଅସାମର୍ଥ୍ୟର ଚକ୍ରବ୍ୟୂହ ଭିତରେ ନିଜେ କିପରି ଅଭିମନ୍ୟୁ ପରି ଆମେ ବିବ୍ରତ ବ୍ୟସ୍ତ ହୋଇଥାଉ, ତା'ର ସମ୍ୟକ୍ ସମ୍ବୋଧି ସମ୍ଭବ ହୁଏ । ମଣିଷ ପୁଣି କାନ୍ଦେ । ସେ କାନ୍ଦଣା ଆଉ ତା'ର ଦେହାଭିମୁଖୀ ନୁହେଁ-ଦେହ ବହିର୍ମୁଖୀ । ଆର୍ତ୍ତ, ଅର୍ଥାର୍ଥୀ ପୁଣି ଜିଜ୍ଞାସୁ ହୋଇଥାଏ । ଜିଜ୍ଞାସା ତାକୁ ସମ୍ବୋଧନା ଦିଏ । ସେ କାନ୍ଦେ ।

**121.** କାହାର ତାତିରେ ଅଶ୍ରୁର ସମୁଦ୍ର ମଧ୍ୟ ଶୁଷ୍କ ହୋଇଯାଏ ?

(1) ପ୍ରେମର (2) ତାଡ଼ନାର (3) ତିତିକ୍ଷାର (4) ଅଭିମାନର

**122.** କାହାପରି ମଣିଷ ନିଜକୁ ବଡ଼ ମନେ କରିଥାଏ ?

(1) ବାଘପରି (2) ମହୁମାଛି ପରି (3) ବେଙ୍ଗ ପରି (4) ଶେଫାଳି ପରି

**123.** 'ଦୁର୍ବଳ' - ର ବିପରୀତ ଶବ୍ଦ କେଉଁଟି ?

(1) ନିର୍ବଳ (2) ସବଳ (3) ଅତିବଳ (4) ବଳିଷ୍ଠ

**124.** ମଣିଷ ଜୀବନରେ କେତେଥର କାନ୍ଦିଥାଏ ବୋଲି ଲେଖକ କହିଛନ୍ତି ?

(1) ବହୁଥର (2) ଦୁଇଥର (3) ତିନିଥର (4) ଚାରିଥର

**125.** ମଣିଷକୁ କିଏ ସମ୍ବୋଧନା ଦେଇଥାଏ ?

(1) ଆର୍ତ୍ତୀ (2) ଅର୍ଥାର୍ଥୀ (3) ଜିଜ୍ଞାସା (4) ଇନ୍ଦ୍ରିୟ

**126.** କାହାରି ଆଘାତରେ କିଏ ବିଚଳିତ ହୋଇନଥାଏ ?

(1) ମଣିଷ (2) ବିବେକୀ (3) ବେଙ୍ଗ (4) ଅଭିମନ୍ୟୁ

**127.** 'ନାଗଫାଶ' - କେଉଁ ସମାସ ?

(1) ବହୁବ୍ରୀହି (2) କର୍ମଧାରୟ (3) ଦ୍ୱନ୍ଦ୍ୱ (4) ଦ୍ୱିଗୁ

**128.** ମହୁରା ପୋକ କ'ଣ ଖାଇ ଜୀବନ ବଞ୍ଚିଥାଏ ?

(1) ମହୁ (2) ମହୁରା (3) କୀଟ (4) ଘାସ

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 129-135 ର ଉତ୍ତର ଦିଅ ।**

ଭୟ ମନୁଷ୍ୟକୁ ସଂକୁଚିତ କରିଥିବାରୁ ମନୁଷ୍ୟ ପଶୁ ନ ହୋଇ ମନୁଷ୍ୟ ବୋଲାଉଛି ମାତ୍ର । ନାରୀ ଶିକ୍ଷା ପାଇଥିଲେହେଁ, ତା'ର ମୂଳ ପ୍ରକୃତି ଠିକ୍ ଆଗଭଳି ରହିଛି । ସମାଜ ରାଷ୍ଟ୍ରରେ ନାରୀ ତା'ର ବ୍ୟକ୍ତିତ୍ୱର ପ୍ରତିଷ୍ଠା କରିବାକୁ ଇଚ୍ଛାକରେ । କିନ୍ତୁ ସମାଜ ତତ୍ତ୍ୱବିତ୍ ପଣ୍ଡିତମାନଙ୍କ କହିଥିବା ଯୋଗ୍ୟତାର ଉଦ୍‌ବର୍ତ୍ତନ କଥାଟି ସେ ଭୁଲିଯାଇଛି । ସେହି କାରଣରୁ ସେ ଆତ୍ମକୈନ୍ଦ୍ରିକ ହୋଇଥିବାରୁ ନିଃସହାୟା ଭୀରୁ ହୋଇ ବଞ୍ଚିଛି । ଆଜିକାଲି ଦଳଗତ ଜୀବନଯାପନ ବା ଜୀବନ ବିକାଶ ସହିତ ତା'ର ସମ୍ବନ୍ଧ ନାହିଁ । ସେହି କାରଣରୁ ସେ ପରାଧୀନା-ପରତନ୍ତ୍ରା । ଏ ଯୁଗର ଏ ଶତାବ୍ଦୀର ସିଦ୍ଧସାଧିକା ସେ ହୋଇପାରିନାହିଁ । ସେଥିପାଇଁ ପୃଥିବୀର ଦ୍ୱିତୀୟ ମହାସମର ପରେ ଜର୍ମାନ ଓ ଜାପାନ ଦେଶର ନାରୀମାନେ କ୍ରୀତଦାସୀ ଭାବରେ ବିକ୍ରି ହେଉଅଛନ୍ତି ଓ ଅବୈଧ ଜୀବନଯାପନ କରୁଛନ୍ତି । ପ୍ରାକୃତିକ କାରଣରୁ ଏହି ପ୍ରଥା ଆବହମାନ କାଳରୁ ପ୍ରଚଳିତ । ଏ ଯୁଗରେ ପୃଥିବୀର ପ୍ରତ୍ୟେକ ଦେଶରେ ନାରୀ ଜାତିର ନୈତିକ ଅଧଃପତନ ଘଟିଅଛି । ବିଜ୍ଞାନ ବି ତାକୁ ଜୈବିକ ପାରିପାର୍ଶ୍ୱିକ ଆବେଷ୍ଟନିରୁ ମୁକ୍ତି ଦେଇପାରୁନାହିଁ । ପ୍ରାକୃତିକ କାରଣରୁ ଆର୍ଥିକ ପ୍ରତିଯୋଗିତାରେ ନାରୀ ଦୁର୍ବଳା ହୋଇ ମଧ୍ୟ ନର ସହ ପ୍ରତିଦ୍ୱନ୍ଦ୍ୱିନୀ ହୋଇଅଛି ।

ଏ ଯୁଗର ବିଜ୍ଞାନ ପୂର୍ବକାଳର ଅନ୍ଧାର ଗୁହାରେ ରହୁଥିବା ମନୁଷ୍ୟକୁ ବିଜୁଳିଶକ୍ତିରେ ଚାଲୁଥିବା ନାନା ଉପକରଣ, ପ୍ରାସାଦ, ଜାହାଜ, ବେତାର, ଉଡ଼ା ଓ ବୁଡ଼ାଜାହାଜ, ରାଡାର, ରୋଗକଷ୍ଟ ନିବାରିଣୀ ଆଶ୍ଚର୍ଯ୍ୟ ଔଷଧ ଓ ଶଲ୍ୟଚିକିତ୍ସା ଆଣିଦେଇଛି । ଏହାଛଡ଼ା ସାମାଜିକ ଶ୍ରେଣୀ ଚେତନାର ସ୍ୱରୂପ ମଧ୍ୟ ଦେଖାଇଛି ।

**129.** ଆତ୍ମକୈନ୍ଦ୍ରିକ ହୋଇଥିବାରୁ ନାରୀ କେଉଁ ପ୍ରକାର ଜୀବନ ବଞ୍ଚୁଛି ?

(1) ଭୀରୁ (2) ଅସହାୟ (3) ପୁରୁଷର ପ୍ରତିଦ୍ୱନ୍ଦ୍ୱିନୀ (4) ଅଧଃପତିତ

**130.** ରାଷ୍ଟ୍ରରେ ନାରୀ କ'ଣ ପ୍ରତିଷ୍ଠା କରିବାକୁ ଚାହିଁଥାଏ ?

(1) ସମ୍ମାନ (2) ବ୍ୟକ୍ତିତ୍ୱ (3) ସ୍ୱାତନ୍ତ୍ର୍ୟ (4) ରାଜନୀତିକ ପରାକାଷ୍ଠା

**131.** ସାଂପ୍ରତିକ ଯୁଗରେ ନାରୀଜାତିର କି ପ୍ରକାର ଅଧଃପତନ ଘଟିଛି ?

(1) ମାନସିକ (2) ନୈତିକ (3) ରାଜନୀତିକ (4) ସାମାଜିକ

**132.** କେଉଁ କାରଣରୁ କ୍ରୀତଦାସୀ ପ୍ରଥା ଆବହମାନ କାଳରୁ ରହିଆସିଛି ?

(1) ପାରିପାର୍ଶ୍ୱିକ କାରଣରୁ (2) ଅଶିକ୍ଷା କାରଣରୁ

(3) ଆତ୍ମକୈନ୍ଦ୍ରିକତା କାରଣରୁ (4) ପ୍ରାକୃତିକ କାରଣରୁ

**133.** ସମାଜରେ ସାମାଜିକ ଶ୍ରେଣୀଚେତନାର ବାର୍ତ୍ତାବହ କିଏ ?

(1) ବିଜ୍ଞାନ (2) ମଣିଷ (3) ନାରୀ (4) ସମାଜତତ୍ତ୍ୱବିତ୍

**134.** ନାରୀ କେଉଁ ଉଦ୍‌ବର୍ତ୍ତନ କଥା ବିସ୍ମୃତ ହୋଇଯାଇଛି ?

(1) ଶିକ୍ଷାର (2) ସମାନତାର (3) ଯୋଗ୍ୟତାର (4) ଅଧିକାରର

**135.** 'ପ୍ରାକୃତିକ' - ରେ କେଉଁ ପ୍ରତ୍ୟୟ ସଂଯୁକ୍ତ ହୋଇଛି ?

(1) ଅକ (2) ଉକ (3) ଇକ (4) ରକ

**136.** ଭାଷାତାତ୍ତ୍ୱିକ ଦକ୍ଷତା ଫଳରେ ଶିକ୍ଷାର୍ଥୀ __________ କରିଥାଆନ୍ତି ।

(1) ବ୍ୟାକରଣ ଦିଗରୁ ଶୁଦ୍ଧ ଏବଂ ଅଶୁଦ୍ଧ ବାକ୍ୟ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିଥାଆନ୍ତି

(2) ବ୍ୟାକରଣ ଦୃଷ୍ଟିରୁ ଶୁଦ୍ଧ ନହେଲେ ମଧ୍ୟ ଅନର୍ଗଳ କହିପାରନ୍ତି

(3) ଭାଷାକୁ ଯଥାର୍ଥ ଭାବେ କେଉଁଠାରେ ଏବଂ କିପରି ବ୍ୟବହାର କରାଯିବ ଜାଣନ୍ତି

(4) ଅଧିକରୁ ଅଧିକ ଇଂରେଜୀ ବ୍ୟବହାର କରନ୍ତି

**137.** ଜଣେ ପ୍ରାଥମିକ ସ୍ତରରେ ପଢ଼ାଉଥିବା ଶିକ୍ଷକ ଶିକ୍ଷାର୍ଥୀଙ୍କ ରଂଗ କରିବା ଏବଂ ଚିତ୍ର ଅଙ୍କନ କରିବାକୁ ପ୍ରବର୍ତ୍ତାଇଥାନ୍ତି । ଏହା ତାଙ୍କୁ କେଉଁଥିରେ ସାହଯ୍ୟ କରେ ?

(1) ଶ୍ରେଣୀ କକ୍ଷରେ ନୀରବତା ରକ୍ଷା କରିବାରେ (2) ମଟର ସ୍କିଲ୍ ବଢ଼ାଇବାରେ

(3) ଶିକ୍ଷାର୍ଥୀଙ୍କୁ ଆନନ୍ଦ ଦେବାରେ (4) ଶିକ୍ଷକ ଶିକ୍ଷାଦାନରୁ କିଛି ସମୟ ବିରତି ନେବାରେ

**138.** ପିଲାମାନେ ଭାଷା ଶିକ୍ଷଣରେ ଅଧିକ ପାରଙ୍ଗମ ହୁଅନ୍ତି, ଯେତେବେଳେ -

(1) ତାଙ୍କୁ ଜଣେ ଦକ୍ଷ ଭାଷା ଶିକ୍ଷକ ମିଳନ୍ତି (2) ଭଲ ପାଠ୍ୟପୁସ୍ତକ ମିଳେ

(3) ବାରଣ ହୁଏ (4) ପ୍ରେରଣା ମିଳେ

**139.** ଜଣେ ଶିକ୍ଷୟିତ୍ରୀ ତାଙ୍କର କ୍ଲାସରେ ଦଳଗତ ଆଲୋଚନା ତଥା ବାର୍ତ୍ତାଳାପ କରାନ୍ତି । ସେ ବନାନ କିମ୍ବା ଉଚ୍ଚାରଣରେ ତ୍ରୁଟିକୁ ସଂଶୋଧନ କରିନଥାନ୍ତି । ସେ କକ୍ଷରେ __________ ପଦ୍ଧତି ବ୍ୟବହାର କରୁଛନ୍ତି ।

(1) ପାରମ୍ପରିକ (2) ବିଭିନ୍ନ ଭାବଧାରାଭିତ୍ତିକ

(3) ଗଠନାତ୍ମକ (4) ସଂରଚନାତ୍ମକ

**140.** ଆପଣ ଜଣେ ଶିକ୍ଷକ ଭାବରେ ଜାଣିଲେ ଯେ ପାଠ୍ୟରେ ବ୍ୟବହୃତ ଭାଷା ଶିକ୍ଷାର୍ଥୀଙ୍କ ନିମନ୍ତେ ଜଟିଳ । ଆପଣ ଭାଷାକୁ ସରଳ କରି ବିଷୟବସ୍ତୁରେ ମଧ୍ୟ କିଛି ପରିବର୍ତ୍ତନ କଲେ ଯାହାଫଳରେ ତାହା ଶିକ୍ଷାର୍ଥୀଙ୍କୁ ସୁହାଇବ । ଆପଣ କରିଥିବା କାର୍ଯ୍ୟକୁ କୁହାଯାଏ __________ ।

(1) ଗ୍ରହଣ (2) ଭାବାନୁବାଦ (3) ମୂଲ୍ୟାୟନ (4) ସମୀକ୍ଷା

**141.** ଆଜି ରାଜୁ ସ୍କୁଲକୁ ଯିବା ସମୟରେ ଖୁବ୍ ଖୁସି ଥିଲା । ସେ ସ୍କୁଲ ଯିବାରେ ପରିବାରର ପ୍ରଥମ । ତା' ପରିବାରର କୌଣସି ବ୍ୟକ୍ତି ଏବଂ ପିତାମାତା କେହିହେଲେ ସ୍କୁଲରେ ପାଠ ପଢ଼ି ନାହାନ୍ତି । ତେଣୁ ରାଜୁକୁ __________ ଶିକ୍ଷାର୍ଥୀ କୁହାଯିବ ।

(1) ପ୍ରଥମ ପିଢ଼ି (2) ଦ୍ୱିତୀୟ ପିଢ଼ି (3) ଉପେକ୍ଷିତ ଗୋଷ୍ଠୀ (4) ଅଳ୍ପସଂଖ୍ୟକ

**142.** ଯେତେବେଳେ ଆପଣ ଶିକ୍ଷାଦାନ ପାଇଁ ଯାଆନ୍ତି, ଆପଣ ଦେଖନ୍ତି ପାଠ୍ୟପୁସ୍ତକର ଆରମ୍ଭରେ ରାଇମ୍ସ ଓ ଚିତ୍ର ଆଧାରିତ କାହାଣୀ ଏବଂ ଶେଷରେ ଅକ୍ଷର ଶିକ୍ଷା ଦିଆଯାଇଥାଏ । ଭାଷା ଶିକ୍ଷା ପଦ୍ଧତିରେ ଏଥିରେ କେଉଁ ପଦ୍ଧତିର ପ୍ରୟୋଗ କରାଯାଇଛି ?

(1) ନିମ୍ନ-ଉର୍ଦ୍ଧ୍ୱ ପଦ୍ଧତି (2) ଉର୍ଦ୍ଧ୍ୱ-ନିମ୍ନ ପଦ୍ଧତି

(3) ବିଭିନ୍ନ ଭାବଧାରା ଭିତ୍ତିକ ପଦ୍ଧତି (4) ସୌନ୍ଦର୍ଯ୍ୟବୋଧକ ପଦ୍ଧତି

**143.** ଯେତେବେଳେ ଭାଷା ବିନା ଶୃଙ୍ଖଳାବଦ୍ଧ ଭାବରେ ନହୋଇ ପ୍ରାକୃତିକ ଭାବରେ ଶିକ୍ଷା କରାଯାଏ, ତାହାକୁ କୁହାଯାଏ __________ ।

(1) ପାଣ୍ଡିତ୍ୟ (2) ଆହରଣ (3) ଗ୍ରହଣ (4) ଶିକ୍ଷଣ

**144.** ଏକ ମହତ୍ୱପୂର୍ଣ୍ଣ ଉପାଦାନ __________, ଯାହାଦ୍ୱାରା ଶିକ୍ଷାର୍ଥୀ ଯୋଡ଼ି ଯୋଡ଼ି ହୋଇ କିମ୍ବା ଦଳଗତ ଭାବରେ ସମସ୍ୟାର ସମାଧାନ କରି ପାରନ୍ତି ।

(1) ବାର୍ତ୍ତାଳାପ ମାଧ୍ୟମରେ ଭାଷା ଶିକ୍ଷା (2) ବ୍ୟବହାରିକବାଦ ପଦ୍ଧତି

(3) ସମଗ୍ର ଭାଷା ପଦ୍ଧତି (4) ଗଠନାତ୍ମକ ପଦ୍ଧତି

**145.** 'ପ୍ରଦୂଷଣ' ଉପରେ ଲେସନ୍ ପ୍ଲାନ୍ କଲାବେଳେ ଆପଣଙ୍କର ପ୍ରଥମ ପଦକ୍ଷେପ କ'ଣ ହେବ ?

(1) ମୂଳପ୍ରଶ୍ନ ପ୍ରସ୍ତୁତି (2) ଏକ ବିଷୟକୁ ବାରମ୍ବାର ଅନୁଧ୍ୟାନ କରିବା

(3) ଶିକ୍ଷାଦାନ ସାମଗ୍ରୀ ଚୟନ (4) ଉଦ୍ଦେଶ୍ୟ ନିର୍ଦ୍ଧାରଣ

**146.** ଜଣେ ଶିକ୍ଷକ ତାଙ୍କର ଶିକ୍ଷାର୍ଥୀଙ୍କୁ 'ଜଳ' ବିଷୟରେ ଏକ ଅନୁଚ୍ଛେଦ ଲେଖିବାକୁ କହିଲେ । ତା'ପରେ ବିଜ୍ଞାନ ଏବଂ ସମାଜ ବିଜ୍ଞାନ କ୍ଲାସରେ ପଢ଼ାଇଥିବା ପାଠ୍ୟର ଆଲୋଚନା କଲେ ଏବଂ ପରେ ସେମାନେ ଲେଖିବା ଆରମ୍ଭ କଲେ । ଏହା କାହାର ଉଦାହରଣ ?

(1) ବ୍ୟବହୃତ ଭାଷା (2) ବିଜ୍ଞାନର ଭାଷା

(3) ପାଠ୍ୟଖସଡ଼ା ବାହାର ଭାଷା (4) କଥୋପକଥନ ପଦ୍ଧତି

**147.** ତୁମେ ଏକ ହିନ୍ଦୀଭାଷୀ ଗ୍ରାମରେ ଜନ୍ମ ନେଇଛ । ସେଠାରେ ସମସ୍ତେ ହିନ୍ଦୀ ଭାଷାରେ କଥାବାର୍ତ୍ତା କରନ୍ତି ଫଳରେ ସ୍କୁଲରେ ନପଢ଼ି ମଧ୍ୟ ତୁମେ ହିନ୍ଦୀ ବ୍ୟବହାର କରିବା ଆରମ୍ଭ କରିଦେଇଛ । ପରେ ତୁମେ ଯେତେବେଳେ ସ୍କୁଲ ଯାଇ ଇଂରେଜୀ, ସଂସ୍କୃତ, ହିନ୍ଦୀ ଓ ଉର୍ଦ୍ଦୁ ପଢ଼ିଲ, ତୁମେ ଇଂରେଜୀ କହିପାରିଲ ଅନର୍ଗଳ ଭାବରେ । ତୁମର ପ୍ରଥମ ଭାଷା କେଉଁଟି ?

(1) ଇଂରେଜୀ (2) ହିନ୍ଦୀ (3) ଉର୍ଦ୍ଦୁ (4) ସଂସ୍କୃତ

**148.** ଦୈନନ୍ଦିନ ଜୀବନରେ ବ୍ୟବହୃତ ସାମଗ୍ରୀ, ଛତା, ବର୍ଷାତି, ସ୍କ୍ରୁଡ୍ରାଇଭର ଆଦି ଶିକ୍ଷକ କ୍ଲାସକୁ ଆଣନ୍ତି । ସେ ପ୍ରତ୍ୟେକ ସାମଗ୍ରୀ ଦେଖାଇ ଦୁଇ-ତିନୋଟି ବାକ୍ୟ କହିବାକୁ କହିଥାନ୍ତି । ଶିକ୍ଷକ କ୍ଲାସକୁ ଆଣିଥିବା ଏ ସମସ୍ତ ବସ୍ତୁକୁ କୁହାଯାଏ __________ ।

(1) ଭାଷା ଇନ୍‌ପୁଟ୍ (2) ଶିକ୍ଷାଦାନ ସାମଗ୍ରୀ (3) ଯନ୍ତ୍ରପାତି (4) ରିଅଲିଆ

**149.** କ୍ଲାସରେ କାଳ ବିଷୟରେ ପଢ଼ାଇବା ପାଇଁ ଶିକ୍ଷକ ଏକ ମଣିଷର ଦୁଇଟି ଚିତ୍ର ଦେଖାଇଲେ । ସେଥିମଧ୍ୟରୁ ଗୋଟିଏ 15 ବର୍ଷ ତଳେ ଏବଂ ଅନ୍ୟଟି ଏବେ ନିଆଯାଇଥିଲା । ଆପଣ କ୍ଲାସରେ ତାଙ୍କର ଚେହେରା, ଅଭ୍ୟାସ ଓ ଆଚରଣ ଆଦି ଉପରେ ଆଲୋଚନା ଆରମ୍ଭ କରନ୍ତୁ । ଏଥିରେ ଆପଣ କ'ଣ ବ୍ୟବହାର କରୁଛନ୍ତି ?

(1) ନ୍ୟାୟ ସଂଗତ ବ୍ୟାକରଣ (2) ଗଠନାତ୍ମକ ବ୍ୟାକରଣ

(3) ପେଡ଼ାଗୋଜି ଆଧାରିତ ବ୍ୟାକରଣ (4) ନିୟମ ଆଧାରିତ ବ୍ୟାକରଣ

**150.** ଯେଉଁ ମନ୍ତବ୍ୟରେ ଏକ ନିର୍ଦ୍ଦିଷ୍ଟ କ୍ଲାସର ଶେଷ ବେଳକୁ ଜ୍ଞାନ, କୌଶଳ ଏବଂ ରୁଚି ଆଦି ଶିକ୍ଷାର୍ଥୀ ଗ୍ରହଣ କରିବା ବିଷୟରେ କୁହାଯାଇଥାଏ ତାହାକୁ __________ ଭାବରେ ଗ୍ରହଣ କରାଯାଏ ।

(1) ଶିକ୍ଷାଦାନ ଜ୍ଞାନ (2) ଶିକ୍ଷଣ ଜ୍ଞାନ (3) ସଂଖ୍ୟା ଜ୍ଞାନ (4) ପ୍ରାରମ୍ଭିକ ଅକ୍ଷର ଜ୍ଞାନ

**- o O o -**

SPACE FOR ROUGH WORK

## ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢ଼ିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର **ପୃଷ୍ଠା-2** ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତରପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍ ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ବିନା କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତରଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନଥିବା ପରୀକ୍ଷାର୍ଥୀ ଉତ୍ତରଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ । **ପରୀକ୍ଷାର୍ଥୀ ନିଜର ବାମହାତର ବୃଦ୍ଧାଙ୍ଗୁଷ୍ଠିର ଚିହ୍ନ ଉପସ୍ଥିତି ପତ୍ରରେ ଦିଆଯାଇଥିବା ସ୍ଥାନରେ ଦେବା ଆବଶ୍ୟକ ।**
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତରପତ୍ରକୁ ପରୀକ୍ଷା କକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

## निम्नलिखित निर्देशों को ध्यान से पढ़ें :

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **नीले/काले बॉल पॉइन्ट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के कोड या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/उत्तर पत्र में दिए गए परीक्षा पुस्तिका कोड व संख्या को परीक्षार्थी सही तरीके से उपस्थिति-पत्र में लिखें।
6. OMR उत्तर पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और परीक्षार्थी विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना उत्तर पत्र दिए बिना एवं उपस्थिति-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार उपस्थिति-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अंगूठे का निशान उपस्थिति-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी परीक्षण संस्था के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला परीक्षण संस्था के नियमों एवं विनियमों के अनुसार होगा।
14. किसी भी परिस्थिति में परीक्षा पुस्तिका और उत्तर पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व उत्तर पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Blue / Black Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against the candidate including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Examining Body with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Examining Body.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***